ମେସର୍ସ ଶେପର୍ସ୍ କନଷ୍ଟ୍ରକ୍ସନ୍ (ପି) ଲିମିଟେଡ୍ ଏବଂ ଅନ୍ୟଜଣେ

ବନାମ

ଭାରତୀୟ ବିମାନବନ୍ଦର ପ୍ରାଧିକାରୀ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 17,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ମୂଲ୍ୟପତ୍ର ଫର୍ମ—ଆବେଦନ ତାରିଖ ଦିନ ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ ସମାପ୍ତ କରିବାର ସର୍ତ୍ତ —ପକ୍ଷ, ଏପରି କାର୍ଯ୍ୟର ପ୍ରମୁଖ ଅଂଶ କରିଥିଲେ କିନ୍ତୁ ଆବେଦନ ତାରିଖରେ ସମ୍ପୂର୍ଣ୍ଣ କରିନଥିଲେ, ତେଣୁ ମୂଲ୍ୟପତ୍ର ଫର୍ମ ପ୍ରତ୍ୟାଖ୍ୟାନ କରାଯାଇଥିଲା —ପକ୍ଷ ଏକ ରିଟ୍ ଆବେଦନ ଦାଖଲ କରିବା ଏବଂ ଉଚ୍ଚ ନ୍ୟାୟାଳୟ ମୂଲ୍ୟପତ୍ର ଫର୍ମ ଜାରି କରିବାକୁ ନିର୍ଦ୍ଦେଶ ଦେବା —ଅପିଲରେ ଦର୍ଶାଯାଇଥିଲା, ଯେହେତୁ ସ୍ୱୀକାରଯୋଗ୍ୟ ଯେ, ଆବେଦନ ତାରିଖ ଠାରୁ ଏହିପରି କାର୍ଯ୍ୟ ସମାପ୍ତ ହୋଇନାହିଁ, ପୂର୍ବ ସର୍ତ୍ତ ପୂରଣ ହୋଇନାହିଁ, ତେଣୁ ଶେଷରେ ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଖାରଜ କରିବାରେ ଠିକ ଥିଲେ ।*

*ନ୍ୟୁ ହୋରାଇଜନ୍ସ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1995]* 1 **SCC 478, ପ୍ରଖ୍ୟାତ ।**

ଦେୱାନୀ ଅପିଲ ଅଧିକରିତା: ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 18121-22/1996 ।

ଡବ୍ଲ୍ୟୁ. ପି.ସଂଖ୍ୟା 2164/96 ଏବଂ ଏଲ୍. ପି. ଏ. ସଂଖ୍ୟା 138/1996 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା8.8.96ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଜି. ସି. ଗୁପ୍ତା ଏବଂ ଶିବ ସାଗର ତିୱାରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ଆବେଦନକାରୀମାନେ ଏହି ବିଶେଷ ଅନୁମତି ଆବେଦନଗୁଡ଼ିକରେ ଏମ. ପି. ଉଚ୍ଚ ନ୍ୟାୟାଳୟ, ଜବଲପୁରଙ୍କ ଦୁଇଜଣିଆ ବିଚାରପୀଠର ଏଲ୍. ପି. ଏ. ସଂଖ୍ୟା 138/96ରେ ଅଗଷ୍ଟ 14,1996ର ଆଦେଶ ବିରୁଦ୍ଧରେ ଦାଖଲ କରିଛନ୍ତି । ବିଜ୍ଞ ଏକକ ବିଚାରପତି ତଥା ଦୁଇଜଣିଆ ବିଚାରପୀଠ ରିଟ୍ ଆବେଦନଗୁଡ଼ିକୁ ଖାରଜ କରିଦେଇଥିଲେ ଯେଉଁଥିରେ ଆବେଦନକାରୀମାନେ ଉତ୍ତରଦାତାମାନଙ୍କୁ ମୂଲ୍ୟପତ୍ର ଫର୍ମ ଦେବାକୁ

ନିର୍ଦ୍ଦେଶ ଦେବାକୁ ଏହି ଆଧାରରେ ଅନୁରୋଧ କରିଥିଲେ ଯେ, ସେମାନେ ମୂଲ୍ୟପତ୍ର ସର୍ତ୍ତାବଳୀର ସର୍ତ୍ତ ସଂଖ୍ୟା 2କୁ  ପୂରଣ କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଅନ୍ତରୀଣ ଆଦେଶ ଅନୁଯାୟୀ, ଆବେଦନକାରୀ ସେମାନଙ୍କର ମୂଲ୍ୟପତ୍ର ଫର୍ମ ଉପସ୍ଥାପନ କରିଥିଲେ । କିନ୍ତୁ, ଶେଷ ଶୁଣାଣିରେ, ରିଟ୍ ଆବେଦନଗୁଡ଼ିକ ଖାରଜ ହୋଇଥିଲା । ତେଣୁ, ଏହି ବିଶେଷ ଅନୁମତି ଆବେଦନଗୁଡ଼ିକ ।

ଆବେଦନକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଛି ଯେ, ଜାତୀୟ ରାଜପଥର କାର୍ଯ୍ୟନିଷ୍ପାଦନରେ ସେମାନଙ୍କର ପୂର୍ବ ଅଭିଜ୍ଞତା ରହିଛି । ସେମାନଙ୍କର ମୂଲ୍ୟପତ୍ର ସର୍ତ୍ତଗୁଡ଼ିକରେ ନିର୍ଦ୍ଦିଷ୍ଟ ହୋଇଥିବା ଆବଶ୍ୟକୀୟ ପରିମାଣ ଠାରୁ ଅଧିକ  ଦୁଇଟି ଚୁକ୍ତିନାମା ରହିଛି, ଯଥାକ୍ରମେ 4 କୋଟିର 42% ଏବଂ 6 କୋଟି ଟଙ୍କା । ସକ୍ଷମ ଯନ୍ତ୍ରୀ ଯଥା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ରଗୁଡ଼ିକ ଦର୍ଶାଇବ ଯେ, ଆବେଦନକାରୀମାନେ କାର୍ଯ୍ୟ ସମ୍ପାଦନରେ ସନ୍ତୋଷଜନକ ଭାବରେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ଆବେଦନକାରୀମାନେ, ଚୁକ୍ତିନାମା ହାସଲ କରିବା ପରେ, ଚୁକ୍ତିନାମାଗୁଡ଼ିକ ଅନୁଯାୟୀ ମଞ୍ଜୁର ହୋଇଥିବା ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟର ପ୍ରମୁଖ ଅଂଶ ନିଷ୍ପାଦନ କରିଛନ୍ତି । ତେଣୁ, ଆରମ୍ଭରେ ମୂଲ୍ୟପତ୍ର ଫର୍ମ ଦେବାରେ ବିଫଳତା ଏବଂ ଅନ୍ତରୀଣ ନିର୍ଦ୍ଦେଶ ପରେ ଏହାର ବିଚାର, ପରବର୍ତ୍ତୀ ଚୁକ୍ତି ପାଇଁ ମୂଲ୍ୟପତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସେମାନଙ୍କର ମୌଳିକ ଅଧିକାରର ଉଲ୍ଲଂଘନ ଅଟେ । ପ୍ରଶ୍ନଟି ହେଉଛି:ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନରେ ଭୁଲ କି? ମୂଲ୍ୟପତ୍ର ସର୍ତ୍ତ ସଂଖ୍ୟା 2 ନିମ୍ନମତେ ପରିକଳ୍ପନା କରାଯାଇଛି:

> " ଆବେଦନ କରିବାକୁ ଚାହୁଁଥିବା ମୂଲ୍ୟପତ୍ରଡ଼କାଳୀ ଅତି କମରେ ଦୁଇଟି ରନୱେ/ଜାତୀୟ ରାଜପଥ ସନ୍ତୋଷଜନକ ଭାବରେ ସମାପ୍ତ କରିଥିବେ, ବିଶେଷ କରି କଠିନ ପକ୍କାରାସ୍ତା କାର୍ଯ୍ୟ ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ 400 ଲକ୍ଷ ଟଙ୍କା କିମ୍ବା 600 ଲକ୍ଷ ଟଙ୍କାର  ଗୋଟିଏ କାମ ସହିତ ଯଥେଷ୍ଟ ମୃତ୍ତିକା ପୂରଣ ଅନ୍ତର୍ଭୁକ୍ତ ଏବଂ ପ୍ରତ୍ୟେକଟିରେ ବାର୍ଷିକ 500 ଲକ୍ଷ ଟଙ୍କା କାରବାର (1992-93,1993-94 ଏବଂ 1994-95) ଏବଂ ଆସଫାଲ୍ଟିକ୍ ଏବଂ କଠିନ ପକ୍କାରାସ୍ତା କାର୍ଯ୍ୟ ସମ୍ପାଦନ ପାଇଁ କମ୍ପ୍ୟୁଟରୀକୃତ ହଟ୍ ମିକ୍ସ ପ୍ଲାଣ୍ଟ ଏବଂ କଂକ୍ରିଟ ବ୍ୟାଚିଂ ପ୍ଲାଣ୍ଟ ରହିବା ଉଚିତ ।"

ଏହି ସର୍ତ୍ତକୁ ପଢ଼ିବା ଦ୍ୱାରା ସ୍ପଷ୍ଟ ଜଣାପଡ଼ିବ ଯେ, ଆବେଦନ କରିବାକୁ ଚାହୁଁଥିବା ମୂଲ୍ୟପତ୍ର ଡକାଳୀ ଅତି କମରେ ଦୁଇଟି ରନୱେ/ଜାତୀୟ ରାଜପଥ ସନ୍ତୋଷଜନକ ଭାବରେ ସମାପ୍ତ କରିଥିବେ, ବିଶେଷ କରି କଠିନ ପକ୍କାରାସ୍ତା କାର୍ଯ୍ୟ ଯେଉଁଥିରେ ଯଥେଷ୍ଟ ମୃତ୍ତିକା ପୂରଣର ଅନ୍ତର୍ଭୁକ୍ତ, ଗତ ପାଞ୍ଚ ବର୍ଷରେ ପ୍ରତ୍ୟେକର ମୂଲ୍ୟ 400 ଲକ୍ଷ ଟଙ୍କା ଏବଂ ଗୋଟିଏ କାର୍ଯ୍ୟ 600  ଲକ୍ଷ ଟଙ୍କା ଏବଂ ଗତ ତିନି ବର୍ଷ (1992-93,1993-

94 ଏବଂ 1994-95) ରେ ବାର୍ଷିକ 500 ଲକ୍ଷ ଟଙ୍କା କାରବାର କରିଥିବେ । ଆସଫାଲ୍ଟିକ୍ ଏବଂ କଠିନ ପକ୍କାରାସ୍ତା କାର୍ଯ୍ୟ ସମ୍ପାଦନ ପାଇଁ କମ୍ପ୍ୟୁଟରୀକୃତ ହଟ୍ ମିକ୍ସ ପ୍ଲାଣ୍ଟ ଏବଂ କଂକ୍ରିଟ ବ୍ୟାଚିଂ ପ୍ଲାଣ୍ଟ ରହିବା ଉଚିତ ।

ଆବେଦନକାରୀଙ୍କ ଦ୍ୱାରା ଯୁକ୍ତି ଅନୁଯାୟୀ, ଏହା ସତ୍ୟ ଯେ, ମୂଲ୍ୟପତ୍ର ସର୍ତ୍ତ ସୂଚିତ କରିବ ଯେ, ସେମାନେ ଅତି କମରେ ଦୁଇଟି ରନୱେ/ଜାତୀୟ ରାଜପଥ, ବିଶେଷ କରି କଠିନ ପକ୍କାରାସ୍ତା କାର୍ଯ୍ୟ ସମାପ୍ତ କରିଛନ୍ତି । ସେ ଯୁକ୍ତି କରିଛନ୍ତି ଯେ, କାର୍ଯ୍ୟର ସମାପ୍ତି, କାର୍ଯ୍ୟର ନିଷ୍ପାଦନ ପାଇଁ ଚୁକ୍ତିନାମା ପ୍ରଦାନ କରିବା ଠାରୁ ଭିନ୍ନ ଅଟେ । ସେଥିରେ ପରିକଳ୍ପିତ ଅନୁଯାୟୀ ସେମାନଙ୍କର ଦୁଇଟି ଚୁକ୍ତିନାମା ଥିଲା;  ଯଦିଓ ସେମାନେ ଏହାକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିନଥିଲେ, କାର୍ଯ୍ୟର ପ୍ରମୁଖ ଅଂଶ ସମାପ୍ତ ହୋଇସାରିଥିଲା । ତେଣୁ, ସେମାନେ ଏହା ଅଧୀନରେ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରିଛନ୍ତି । ଏହିପରି ଆବେଦନକାରୀମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା, ଆବେଦନ କରିବା ଏବଂ ବର୍ତ୍ତମାନ ବିବାଦରେ ଥିବା ମୂଲ୍ୟପତ୍ର ଅନ୍ତର୍ଗତ ଦାୟିତ୍ୱ ପ୍ରଦାନର ପାଇଁ ବିଚାର କରାଯିବା ପାଇଁ, ସେମାନଙ୍କର ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ । ଏହି ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ ।

ସର୍ତ୍ତଟି ପରିକଳ୍ପନା କରେ ଯେ, ସେ ସନ୍ତୋଷଜନକ ଭାବରେ ସମାପ୍ତ କରିବେ । 'ସମାପ୍ତ' ଶବ୍ଦଟି ସୂଚିତ କରିବ ଯେ, ମୂଲ୍ୟପତ୍ର ପାଇଁ ଆବେଦନ ତାରିଖ ଅନୁଯାୟୀ, ସେ ଅତି କମରେ ଦୁଇଟି ରନୱେ/ଜାତୀୟ ରାଜପଥ କାର୍ଯ୍ୟ ସମାପ୍ତ କରିବା ଉଚିତ, ବିଶେଷ କରି କଠିନ ପକ୍କାରାସ୍ତା କାର୍ଯ୍ୟ ଯେଉଁଥିରେ ଯଥେଷ୍ଟ ମୃତ୍ତିକା ପୂରଣ ଅନ୍ତର୍ଭୁକ୍ତ । ଅନ୍ୟ ଅର୍ଥରେ, ଅତିକମରେ ଦୁଇଟି ରନୱେ/ଜାତୀୟ ରାଜପଥର କାର୍ଯ୍ୟ ସମାପ୍ତ କରିବା ଏକ ପୂର୍ବ ସର୍ତ୍ତ ଅଟେ । ସେମାନେ ନିଜେ ସ୍ୱୀକାର କରିଛନ୍ତି ଯେ, ସେମାନେ ସମାପ୍ତ କରିନାହାଁନ୍ତି,  ଯଦିଓ ସେମାନଙ୍କ ଦ୍ୱାରା ଦାବି କରାଯାଇଥିବା କାର୍ଯ୍ୟର ପ୍ରମୁଖ ଅଂଶ ସମାପ୍ତ ହୋଇଛି । ଏଭଳି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତକୁ ଅଯୌକ୍ତିକ କୁହାଯାଇପାରିବ ନାହିଁ ।

ବିଜ୍ଞ ଅଧିବକ୍ତା ନ୍ୟୁ ହୋରାଇଜନ୍ସ ଲିମିଟେଡ଼ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1995] *1 SCC 478ର, ବିଶେଷ କରି, ଅନୁଚ୍ଛେଦ 21  ଏବଂ 22 ରେ* ଏହି ନ୍ୟାୟାଳୟଙ୍କ ରାୟ ଉପରେ ଦୃଢ ନିର୍ଭରଶୀଳତା ରଖିଥିଲେ । ଏହି ମାମଲାଟି ପୂର୍ବ ଅଭିଜ୍ଞତା ସହ ଜଡ଼ିତ ଏବଂ ସେଥିରେ ପ୍ରଶ୍ନଟି ଥିଲା:ମୂଲ୍ୟପତ୍ର ଉପସ୍ଥାପନ କରିବା ପରେ କିମ୍ବା ମୂଲ୍ୟପତ୍ର ଉପସ୍ଥାପନ କରିବା ପୂର୍ବରୁ ପୂର୍ବ ଅଭିଜ୍ଞତାକୁ ବିଚାର କରାଯିବ କି? ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ମୂଲ୍ୟପତ୍ର ଉପସ୍ଥାପନ ହେବା ପରେ

ହିଁ ଏହି ପ୍ରଶ୍ନ ଉଠିବ । ଏହାର ମୂଲ୍ୟପତ୍ରର ବିଚାରର ସମର୍ଥନରେ, ଚୁକ୍ତିନାମା ଅଧିନିର୍ଣ୍ଣୟ କରିବାରେ ପୂର୍ବ ଅଭିଜ୍ଞତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେହି ମାମଲାରେ, ଏହି ନ୍ୟାୟାଳୟ ବିଚାର କରିଥିଲେ ଏବଂ ଦର୍ଶାଇଥିଲେ ଯେ, ପ୍ରାରମ୍ଭରେ, ମୂଲ୍ୟପତ୍ର ଫର୍ମକୁ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ଯେ, ସେ ପୂର୍ବ ଅଭିଜ୍ଞତାକୁ ପ୍ରମାଣିତ କରିନାହାଁନ୍ତି । ଏହି ଆବେଦନଗୁଡ଼ିକର ତଥ୍ୟ ସହିତ ଏହି ପ୍ରଶ୍ନର କୌଣସି ପ୍ରାସଙ୍ଗିକତା ନାହିଁ । ଏହି ପରିସ୍ଥିତିରେ, ଯେପରି ପୂର୍ବରୁ କୁହାଯାଇଛି, ଆବେଦନ ଦାଖଲ କରିବା ପାଇଁ ଅତିକମରେ ଦୁଇଟି ରନୱେ/ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏକ ପୂର୍ବ ସର୍ତ୍ତ ଅଟେ । ସେମାନେ ନିଜେ ସ୍ୱୀକାର କରିଛନ୍ତି, ଯେହେତୁ ଆବେଦନକାରୀମାନେ ବର୍ତ୍ତମାନର କାର୍ଯ୍ୟ ସମାପ୍ତ କରିନାହାଁନ୍ତି, ତେଣୁ ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତାମାନେ ମୂଲ୍ୟପତ୍ର ଫର୍ମ ନଦେବା କିମ୍ବା ସେମାନଙ୍କ ମାମଲା ଉପରେ ବିଚାର ନକରିବାରେ କୌଣସି ବେଆଇନତା ପାଇ ନାହୁଁ ।

ତଦନୁସାରେ ଆବେଦନଗୁଡ଼ିକ ଖାରଜ ହୋଇଛି ।

ଜି.ଏନ୍. ଆବେଦନଗୁଡ଼ିକୁ ଖାରଜ କରିଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ